# ଭୁଟାନରେ ପହଞ୍ଚିଲେ ପ୍ରଧାନମନ୍ତ୍ରୀ ମୋଦି

ମାର୍ଚ୍ଚ 22, 2024

ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦି ଆଜି 22-23 ମାର୍ଚ୍ଚ 2024 ମଧ୍ୟରେ ଭୁଟାନ ଗସ୍ତରେ ପାରୋରେ ପହଞ୍ଚିଛନ୍ତି । ଏହି ଗସ୍ତ ଭାରତ ଏବଂ ଭୁଟାନ ମଧ୍ୟରେ ନିୟମିତ ଉଚ୍ଚ ସ୍ତରୀୟ ଆଦାନପ୍ରଦାନର ପରମ୍ପରା ଏବଂ ଏହାର ପଡ଼ୋଶୀ ପ୍ରଥମ ନୀତି ଉପରେ ସରକାରଙ୍କ ପ୍ରାଧାନ୍ୟ ଉପରେ ଦୃଷ୍ଟି ରଖି କରାଯାଇଛି ।

2. ପାରୋ ବିମାନବନ୍ଦରରେ ଭୁଟାନର ପ୍ରଧାନମନ୍ତ୍ରୀ ମହାମହିମ ସେରିଙ୍ଗ ତୋବଗେ ପ୍ରଧାନମନ୍ତ୍ରୀଙ୍କୁ ଭବ୍ୟ ସ୍ୱାଗତ କରିଥିଲେ ଏବଂ ଆନୁଷ୍ଠାନିକ ସମାରୋହରେ ବିମାନ ବନ୍ଦରରୁ ପାଛୋଟି ନେଇଥିଲେ ।

3. ଏହି ଗସ୍ତ ସମୟରେ ପ୍ରଧାନମନ୍ତ୍ରୀ ଭୁଟାନର ରାଜା ମହାମହିମ ଜିଗ୍ମେ ଖେସାର ନାମଗ୍ୟାଲ ୱାଙ୍ଗଚୁକ୍ ଏବଂ ଭୁଟାନର ଚତୁର୍ଥ ରାଜା ଜିଗ୍ମେ ସିଙ୍ଗେ ୱାଙ୍ଗଚୁକଙ୍କ ସହ ସାକ୍ଷାତ ଆଲୋଚନା କରିବେ । ପ୍ରଧାନମନ୍ତ୍ରୀ ଭୁଟାନର ପ୍ରଧାନମନ୍ତ୍ରୀ ସେରିଙ୍ଗ ତୋବଗେଙ୍କ ସହ ମଧ୍ୟ ଆଲୋଚନା କରିବେ ।

4. ଥିମ୍ପୁରେ ଭାରତ ସରକାରଙ୍କ ସହାୟତାରେ ନିର୍ମିତ ଏକ ଅତ୍ୟାଧୁନିକ ଡାକ୍ତରଖାନା ଗ୍ୟାଲତ୍ସୁଏନ୍ ଜେଟସୁନ୍ ପେମା ମାତୃ ଓ ଶିଶୁ ଡାକ୍ତରଖାନାକୁ ପ୍ରଧାନମନ୍ତ୍ରୀ ଉଦଘାଟନ କରିବେ

**ଥିମ୍ପୁ**
**ମାର୍ଚ୍ଚ 22, 2024**